ଗୋଆ ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ହିରାବାଇ ସୋମାଭାଇ ତାଣ୍ଡେଲ, ନାନୀ, ଡାମନ

ନଭେମ୍ବର 5,1997

[ଜି.ଏନ୍. ରାୟ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ବିଦେଶୀ ମୁଦ୍ରା ସଂରକ୍ଷଣ ଏବଂ ଚୋରାଚାଲାଣ କାର୍ଯ୍ୟକଳାପ ନିବାରଣ ଅଧିନିୟମ, 1974: ଧାରା 3(1)*

*ଚୋରା ଚାଲାଣକାରୀ ଏବଂ ବିଦେଶୀ ମୁଦ୍ରା ହେରଫେରକାରୀ (ସମ୍ପତ୍ତି ବାଜ୍ୟାପ୍ତି) ଅଧିନିୟମ, 1975 ଧାରା 7 ।*

*ଅଟକ ଆଦେଶ— ବୈଧତା—1974 ଅଧିନିୟମର ଧାରା 3(1) ଅନୁଯାୟୀ ଉତ୍ତରଦାତାଙ୍କ ସାବତ ବାପାଙ୍କ ବିରୋଧରେ ଅଟକ ଆଦେଶ ପାରିତ ହେଲା— ଏହା ପରେ 1976 ଅଧିନିୟମର ଧାରା 7 ଅନୁଯାୟୀ ଉତ୍ତରଦାତାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବା ପାଇଁ ଆଦେଶ ପାରିତ ହେଲା— ଉତ୍ତରଦାତାଙ୍କ ଦ୍ୱାରା ସମ୍ପତ୍ତି ବାଜ୍ୟାପ୍ତି କରିବା ଆଦେଶରେ ଆପତ୍ତି କରାଯାଇ ନାହିଁ— ଏହା ପରେ ଉତ୍ତରଦାତା ତାଙ୍କ ସାବତ ବାପାଙ୍କୁ ଅଟକ ରଖିବା ଆଦେଶକୁ ଆପତ୍ତି କରିଥିଲେ— ଉଚ୍ଚ ନ୍ୟାୟାଳୟ ଅଟକ ଆଦେଶକୁ ଏହା ଦର୍ଶାଇ ରଦ୍ଦ କରିଛନ୍ତି ଯେ, ଅଟକ ବ୍ୟକ୍ତିଙ୍କୁ ଅଟକ ରଖିବା କାରଣ ବିଷୟରେ ଅବଗତ କରାଯାଇ ନାହିଁ— ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରାଜ୍ୟ ଦ୍ୱାରା ଅପିଲ— ଦର୍ଶାଯାଇଛି, ଅଟକକୁ ଆପତ୍ତି କରୁଥିବା ରିଟ୍ ରକ୍ଷଣୀୟ ନୁହେଁ— ଏସ୍ ଏ ଏଫ୍ ଇ ଏମ୍ ଏ ଅନୁଯାୟୀ ବାଜ୍ୟାପ୍ତି ଆଦେଶ ପାରିତ ହେବା ପରେ ଅଟକ ଆଦେଶର ବୈଧତା ଯାଞ୍ଚ କରାଯାଇପାରିଲା ନାହିଁ ।*

*ଭାରତର ମହାନ୍ୟାୟବାଦୀ ଏବଂ ଅନ୍ୟମାନେ ବନାମ ଅମ୍ରିତଲାଲ ପ୍ରଜୀବନଦାସ ଏବଂ ଅନ୍ୟମାନେ,* **[1994] 5 SCC 54, ଉଲ୍ଲେଖ କରାଯାଇଛି ।**

ଅପରାଧିକ ଅପିଲୀୟ କ୍ଷେତ୍ରାଧିକାର: ଫୌଜଦାରୀ ଅପିଲ ସଂଖ୍ୟା 219/1991 ।

ସି ଆର୍ ଏଲ୍.ଡବ୍ଲ୍ୟୁ.ପି. ସଂଖ୍ୟା 27/1989ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ତା15..11.୫୨ରିଖର ରାୟ ଏବଂ ଆଦେଶରୁ ।

ଗୋଆ ରାଜ୍ୟ ବନାମ ଏଚ୍.ଏସ୍. ତାଣ୍ଡେଲ, ନାନୀ, ଡାମନ

ଅପିଲକାରୀଙ୍କ ପାଇଁ ସୁଶ୍ରୀ ଏ.ସୁଭାଷିନୀ l

ଉତ୍ତରଦାତାଙ୍କ ପାଇଁ ଏସ୍.ଭି. ଦେଶପାଣ୍ଡେ l

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଫୌଜଦାରୀ ରିଟ୍ ଆବେଦନ ସଂଖ୍ୟା 27/89ରେ ବମ୍ବେ ଉଚ୍ଚ ନ୍ୟାୟାଳୟ (ପାନାଜୀ ବିଚାରପୀଠ) ଗୋଆର ଖଣ୍ଡପୀଠ ଦ୍ୱାରା 15 ନଭେମ୍ବର, 1989ରେ ପାରିତ ଆଦେଶର ବୈଧତାକୁ ଏହି ଅପିଲରେ ଆପତ୍ତି କରାଯାଇଛି l 24 ଜୁଲାଇ, 1975ରେ ବିଦେଶୀ ମୁଦ୍ରା ସଂରକ୍ଷଣ ଏବଂ ଚୋରାଚାଲାଣ କାର୍ଯ୍ୟକଳାପ ନିବାରଣ ଅଧିନିୟମ, 1974ର ଧାରା 3(1) ଅନୁଯାୟୀ ଉତ୍ତରଦାତାଙ୍କ ସାବତ ପିତାଙ୍କ ବିରୋଧରେ ଅଟକ ରଖିବା ଆଦେଶ ପାରିତ କରାଯାଇଥିଲା l ଏହା ଏକ ସ୍ୱୀକୃତ ସ୍ଥିତି ଅଟେ ଯେ, ଏପରି ଉତ୍ତରଦାତାଙ୍କୁ ଏକ ବର୍ଷରୁ ଅଧିକ ସମୟ ଧରି ଅଟକ ରଖାଯାଇଥିଲା କିନ୍ତୁ ଦୁଇ ବର୍ଷର ଅବଧି ଶେଷ ହେବା ପୂର୍ବରୁ ତାଙ୍କୁ ମୁକ୍ତ କରାଯାଇଥିଲା l 29 ଅକ୍ଟୋବର, 1979ରେ ଚୋରା ଚାଲାଣକାରୀ ଏବଂ ବିଦେଶୀ ମୁଦ୍ରା ହେରଫେରକାରୀ (ସମ୍ପତ୍ତି ବାଜ୍ୟାପ୍ତି) ଅଧିନିୟମ 1976ରେ ବ୍ୟବସ୍ଥା ଅନୁଯାୟୀ ଉତ୍ତରଦାତାଙ୍କ ସାବତ ପିତାଙ୍କ ଦ୍ୱାରା ଧାରଣ କରାଯାଇଥିବା ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଉତ୍ତରଦାତାଙ୍କୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା l ଏପରି ଅଧିସୂଚନାରେ କୌଣସି ଆପତ୍ତି କରାଯାଇ ନଥିଲା ଏବଂ 19 ଡିସେମ୍ବର, 1985ରେ ଉକ୍ତ ଅଧିନିୟମ (ଏହା ପରେ ଏସ୍ ଏ ଏଫ୍ ଇ ଏମ୍ ଏ ଭାବରେ ସୂଚିତ) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷ  ଏସ୍ ଏ ଏଫ୍ ଇ ଏମ୍ ଏ ର ଧାରା 7 ଅନୁଯାୟୀ ଉତ୍ତରଦାତାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ଆଦେଶ ଦେଇଥିଲେ l ଏପରି ବାଜ୍ୟାପ୍ତିକୁ ଆପତ୍ତି କରି ଉତ୍ତରଦାତାଙ୍କ ଦ୍ୱାରା କୌଣସି ଅପିଲ କିମ୍ବା ରିଟ୍ ଆବେଦନ ଦାଖଲ କରାଯାଇ ନଥିଲା l ଏହା କୁହାଯାଇପାରେ ଯେ, ଉକ୍ତ ବାଜ୍ୟାପ୍ତି ଆଦେଶ ଅନୁଯାୟୀ ଏହି ସମ୍ପତ୍ତିକୁ ଅଗଷ୍ଟ, 1989ରେ ନିଲାମରେ ଟ.2,59,256ରେ ଡାମନ ପ୍ରଶାସନଙ୍କୁ ବିକ୍ରି କରାଯାଇଥିଲା ଏବଂ ଉକ୍ତ ସମ୍ପତ୍ତିର ଦଖଲକୁ ଉକ୍ତ ଡାମନ ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା l ତାଙ୍କ ସାବତ ବାପାଙ୍କ ଅଟକ ଆଦେଶକୁ ଆପତ୍ତି କରି 17 ଜୁଲାଇ, 1989ରେ ଗୋଆ ବିଚାରପୀଠଙ୍କ ସମ୍ମୁଖରେ ଉତ୍ତରଦାତାଙ୍କ ଦ୍ୱାରା ସେହି ଅପରାଧିକ ରିଟ୍ ଆବେଦନ  ସଂଖ୍ୟା 27/89 ଦାଖଲ କରାଯାଇଥିଲା l ଉଚ୍ଚ ନ୍ୟାୟାଳୟ ଏପରି ରିଟ୍ ଆବେଦନକୁ ଗ୍ରହଣ କରିଥିଲେ ଏବଂ ଅଟକ ରଖିବା ଆଦେଶକୁ ଏହି ସିଦ୍ଧାନ୍ତ ଯୋଗୁଁ ରଦ୍ଦ କରିଦେଇଥିଲେ ଯେ, ଅଟକ ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ ଆଧାରର ସୂଚନା ପ୍ରଦାନ କରାଯାଇ ନାହିଁ l

ଅପିଲକାରୀଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ସୁଶ୍ରୀ ଏ. ସୁଭାଷିନୀ ଉପସ୍ଥାପନ କରିଛନ୍ତି ଯେ, ଉକ୍ତ ରିଟ୍ ଆବେଦନ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯିବା ଉଚିତ ନଥିଲା । ଏସ୍ ଏ ଏଫ୍ ଇ ଏମ୍ ଏ ଅଧୀନରେ ବାଜ୍ୟାପ୍ତି ଆଦେଶ ପାରିତ ହେବା ପରେ ଅଟକ ଆଦେଶର ବୈଧତା ଯାଞ୍ଚ କରାଯାଇନଥିଲା । ଏଭଳି ଯୁକ୍ତିକୁ ସମର୍ଥନ କରି, ସେ ଭାରତର *ମହାନ୍ୟାୟବାଦୀ ଏବଂ ଅନ୍ୟାମନେ ବନାମ ଅମ୍ରତଲାଲ ପ୍ରଜୀବନଦାସ ଏବଂ ଅନ୍ୟମାନେ*, [1994] 5 SCC 54ରେ ଏହି ନ୍ୟାୟାଳୟଙ୍କର ନଅ ଜଣିଆ ବିଚାରପତି ବିଶିଷ୍ଟ ବିଚାରପୀଠଙ୍କ ନିଷ୍ପତ୍ତି ବିଷୟରେ ଉଲ୍ଲେଖ କରିଛନ୍ତି । ଏହି ନିଷ୍ପତ୍ତିର ଅନୁପାତକୁ ଉକ୍ତ ନିଷ୍ପତ୍ତିର ଅନୁଚ୍ଛେଦ 56ରେ ସଂକ୍ଷେପିତ କରାଯାଇଥିଲା ଏବଂ ଏହା ସ୍ପଷ୍ଟ ଭାବେ ସୂଚିତ କରାଯାଇଛି ଯେ,

> 56.(b): ଯଦି ଏପରି ଅଟକ ଆଦେଶ ଧାରା 2(2)ର ପ୍ରାବଧାନର କୌଣସି ଉପ-ଖଣ୍ଡକୁ ଆକର୍ଷିତ କରେ ନାହିଁ, ଅଟକ ଆଦେଶ, ଯେଉଁଥିରେ ଧାରା 12-A ଲାଗୁ ହୋଇଥାଏ, ଏବଂ ଅଟକ ଆଦେଶ, ଯେଉଁଥିରେ ଧାରା 12-A ଲାଗୁ ହୋଇନଥାଏ, ସେହି ଅଟକ ବ୍ୟକ୍ତି ଏବଂ ତାଙ୍କ ସମ୍ପର୍କୀୟ ଏବଂ ସହଯୋଗୀଙ୍କ ଉପରେ ଏସ୍ ଏ ଏଫ୍ ଇ ଏମ୍ ଏ ଲାଗୁ କରିବା ପାଇଁ ଆଧାର ଭାବରେ କାର୍ଯ୍ୟ କରିପାରିବ । ଯଦି ଏପରି ଅଟକ ଆଦେଶ ଜାରି ରହିଥିବା ସମୟରେ ଉକ୍ତ ଅଟକ ଆଦେଶକୁ ଅଟକ ବ୍ୟକ୍ତି (ନିଜେ କିମ୍ବା ତାଙ୍କ ନିକଟତମ ବନ୍ଧୁଙ୍କ ମାଧ୍ୟମରେ) ନ୍ୟାୟାଳୟ ସମ୍ମୁଖରେ ପ୍ରଶ୍ନ କରିବାକୁ ଆଗତ କରିନଥାନ୍ତି, କିମ୍ବା ତାଙ୍କ ଆପତ୍ତିରେ ବିଫଳ ହୁଅନ୍ତି, ତେବେ ଯେତେବେଳେ ଏହା ତାଙ୍କ ପାଇଁ କିମ୍ବା ତାଙ୍କ ସମ୍ପର୍କୀୟ କିମ୍ବା ସହଯୋଗୀଙ୍କ ପାଇଁ ଏସ୍ ଏ ଏଫ୍ ଇ ଏମ୍ ଏ ପ୍ରୟୋଗ କରିବାର ଆଧାର ହୋଇଥାଏ, ସେ କିମ୍ବା ତାଙ୍କ ସମ୍ପର୍କୀୟ ଏବଂ ସହଯୋଗୀମାନେ ଏହାର ବୈଧତା ଉପରେ ଆପତ୍ତି କିମ୍ବା ପ୍ରଶ୍ନ କରିପାରିବେ ନାହିଁ ।

ଏହି ନ୍ୟାୟାଳୟ ଏପରି ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଉକ୍ତ ରିଟ୍ ଆବେଦନ ରକ୍ଷଣୀୟ ନଥିଲା । ତେଣୁ ଆମେ ଏହି ଅପିଲ ଅନୁମତି ଦେଇ ଆକ୍ଷେପିତ ଆଦେଶକୁ ରଦ୍ଦ କରୁଛୁ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।